ଓଡ଼ିଶା ସରକାର

# ଓଡ଼ିଶା ବିଧାନ ସଭାରେ
# ୧୯୮୦-୮୧ ମସିହାର ବଜେଟ
# ଉପସ୍ଥାପନ କରି
# ଅର୍ଥମନ୍ତ୍ରୀ ଶ୍ରୀ ରଘୁନାଥ ପଟ୍ଟନାୟକଙ୍କ
# ଅଭିଭାଷଣ

ସେପ୍ଟେମ୍ବର ୫, ୧୯୮୦

ଓଡ଼ିଶା ବିଧାନ ସଭାରେ
୧୯୮୦-୮୧ ମସିହାର ବଜେଟ ଉପସ୍ଥାପନ କରି

# ଅର୍ଥ ମନ୍ତ୍ରୀ ଶ୍ରୀ ରଘୁନାଥ ପଟ୍ଟନାୟକଙ୍କ ଅଭିଭାଷଣ

ମହାଶୟ,

ଗତ ଜୁଲାଇ ମାସରେ ମଧ୍ୟବର୍ତ୍ତୀକାଳୀନ ବଜେଟ ଉପସ୍ଥାପନ କରିବା ସମୟରେ ମୁଁ କହିଥିଲି ଯେ ନୂତନ ସରକାରଙ୍କର ନୀତି ଓ କାର୍ଯ୍ୟକ୍ରମ ସମ୍ବଳିତ ପରିବର୍ତ୍ତିତ ବଜେଟ ପୁନର୍ବାର ଗୃହରେ ବିଚାର ନିମିତ୍ତ ଉପସ୍ଥାପନ କରାଯିବ । ସେହି ପରିବର୍ତ୍ତିତ ବଜେଟ ଆଜି ମାନ୍ୟବର ସଭ୍ୟମାନଙ୍କର ହସ୍ତଗତ ହୋଇଅଛି ।

୨ । ରାଜ୍ୟର ଦୁର୍ବହ ଆର୍ଥିକ ପରିସ୍ଥିତି ବେଳେ ବଜେଟର ପୁନର୍ବିନ୍ୟାସ ଏକ କଷ୍ଟସାଧ୍ୟ ପ୍ରୟାସ । ମାନ୍ୟବର ସଭ୍ୟମାନେ ଅବଗତ ଅଛନ୍ତି ଯେ ପୂର୍ବତନ ସରକାରଙ୍କର ଅସ୍ଥିର ନୀତି ଓ ନିଷ୍କ୍ରିୟତା ରାଜ୍ୟର ଅର୍ଥନୀତିକୁ ବିପର୍ଯ୍ୟସ୍ତ କରିସାରିଛି । ଗତବର୍ଷ ରାଜ୍ୟ ଆୟରେ କୌଣସି ଉନ୍ନତି ପରିଲକ୍ଷିତ ହୋଇପାରିନାହିଁ । ଅଟକଳର ବାସ୍ତବ ହିସାବ ନିକାଶ ହେଲେ ବରଂ ରାଜ୍ୟ ଆୟ ବୃଦ୍ଧିରେ ଅବନତି ସୂଚିତ ହୋଇପାରେ । ଗତବର୍ଷ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ କ୍ଷେତ୍ରରେ ନିଅଣ୍ଟିଆ ପରିସ୍ଥିତି ସୃଷ୍ଟି ହୋଇଥିଲା । ଅତ୍ୟଧିକ ନିଅଣ୍ଟିଆ ବଜେଟ ଏବଂ ବହୁଳ ମୁଦ୍ରା ପ୍ରଚଳନ ଫଳରେ ସୃଷ୍ଟ ମୁଦ୍ରାସ୍ଫୀତିର ପରିଣାମ ଆମମାନଙ୍କୁ ବର୍ତ୍ତମାନ ଭୋଗ କରିବାକୁ ପଡୁଅଛି । ଗତବର୍ଷ ରାଜ୍ୟର ଅସ୍ୱସ୍ତିକର ଆର୍ଥିକ ପରିସ୍ଥିତିର ମୁଖ୍ୟ କାରଣ ହେଲା ଖାଉଳ ଉତ୍ପାଦନ କ୍ଷେତ୍ରରେ ଅବନତି । ତତ୍ ପୂର୍ବବର୍ଷ ଖାଉଳ ଉତ୍ପାଦନ ପରିମାଣ ୪୪.୦୨ ଲକ୍ଷ ଟନ ହୋଇଥିବା ସ୍ଥଳେ ୧୯୭୯-୮୦ ମସିହାରେ ତାହା ମୋଟାମୋଟି ୨୯.୧୮ ଲକ୍ଷ ଟନ ହେବବୋଲି ଅଟକଳ କରାଯାଉଅଛି । ବ୍ୟାପକ ଓ ଉତ୍କଟ ମରୁଡ଼ି ଯୋଗୁଁ ସମଗ୍ର ରାଜ୍ୟରେ କୃଷି ଉତ୍ପାଦନ ପ୍ରଭୂତ କ୍ଷତିଗ୍ରସ୍ତ ହୋଇଥିଲା । ରାଜ୍ୟର ଅର୍ଦ୍ଧାଧିକ ଗ୍ରାମରେ ଶତକଡ଼ା ୫୦ ଭାଗରୁ ଅଧିକ ଭାଗ ଫସଲ ନଷ୍ଟ ହୋଇଥିଲା । ସେହିପରି ମରୁଡ଼ିର ପ୍ରଭାବ ଶିଳ୍ପ ଉତ୍ପାଦନ କ୍ଷେତ୍ରରେ ମଧ୍ୟ ପ୍ରତିଫଳିତ ହୋଇଥିଲା । ଜଳ ଭଣ୍ଡାରଗୁଡ଼ିକ ଶୁଖିଯିବା ଫଳରେ ବିଦ୍ୟୁତ ଉତ୍ପାଦନ ବ୍ୟାହତ ହେଲା ଏବଂ ବହୁ କଳକାରଖାନା ବନ୍ଦ ହୋଇଗଲା । ଆମ ଓଡ଼ିଶାରେ ଜନସଂଖ୍ୟାର ବହୁଭାଗ ଲୋକ ଦାରିଦ୍ର୍ୟର ସୀମାରେଖା ତଳେ ରହୁଥିବାରୁ ଲୋକେ ଅସହନୀୟ ଦୁର୍ଦ୍ଦଶା ଭୋଗ କଲେ ।

୩ । ଆମଦାନୀ ହେଉଥିବା ପେଟ୍ରୋଲ ଜାତ ଦ୍ରବ୍ୟର ମୂଲ୍ୟବୃଦ୍ଧି ଦରଦାମ ପରିସ୍ଥିତିକୁ ଅଧିକ ଉତ୍କଟତର କରିବା ସଙ୍ଗେ ସଙ୍ଗେ ଆମ ଅର୍ଥନୀତିର ପୁନର୍ଗଠନର ଅନ୍ତରାୟ

ହୋଇଅଛି । ତଥାପି ମୁଁ ଗୃହକୁ ପ୍ରତିଶ୍ରୁତି ଦେଇ କହିପାରେ ଯେ ରାଜ୍ୟର ଆର୍ଥିକ ପରିସ୍ଥିତିର କ୍ରମୋନ୍ନତି ଘଟାଇବା ପାଇଁ ଆମେ ବଦ୍ଧ ପରିକର । ମୂଲ୍ୟବୃଦ୍ଧି ରୋକିବା ପାଇଁ ଜାତୀୟ ସ୍ତରରେ ମୁଦ୍ରା ଯୋଗାଣ ଓ ଋଣ ପ୍ରଦାନ କ୍ଷେତ୍ରରେ ନିୟନ୍ତ୍ରଣ କରିବା ସକାଶେ ପଦକ୍ଷେପ ନିଆଯାଉଛି ଏବଂ ଅତ୍ୟାବଶ୍ୟକୀୟ ସାମଗ୍ରୀ ସରବରାହରେ ଉନ୍ନତି ଓ ଅଣ ଉତ୍ପାଦକ ବ୍ୟୟହ୍ରାସ ପାଇଁ ଉଦ୍ୟମ କରାଯାଉଅଛି । ସେହି ଲକ୍ଷ୍ୟର ପରିପୂରକ ସ୍ୱରୂପ ରାଜ୍ୟ ସ୍ତରରେ ମଧ୍ୟ ଆମ୍ଭେମାନେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବୁ । ଅତ୍ୟାବଶ୍ୟକୀୟ ସାମଗ୍ରୀର ସଂଗ୍ରହ ଓ ସୁବଣ୍ଟନ ଉଦ୍ଦେଶ୍ୟରେ ରାଜ୍ୟ ସରକାର ଏକ ଯୋଗାଣ ନିଗମ ପ୍ରତିଷ୍ଠା କରୁଅଛନ୍ତି । ଉତ୍ତରାଧିକାରୀ ସୂତ୍ରରେ ଯେଉଁ ଜଟିଳ ଏବଂ ବ୍ୟାପକ ଦରଦାମ ପରିସ୍ଥିତିର ଆମେ ସମ୍ମୁଖୀନ ହୋଇଛେ ତାହାକୁ ସୁଧାରିବା ସମୟ ସାପେକ୍ଷ ହେବ । କିନ୍ତୁ ଆମର ଦୃଢ଼ ବିଶ୍ୱାସ ଯେ ଜନସାଧାରଣଙ୍କର ପ୍ରଭୂତ ସମର୍ଥନ ଓ ମାନ୍ୟବର ସଭ୍ୟମାନଙ୍କର ସହଯୋଗ ଫଳରେ ଆମେ ଏହି ସମସ୍ୟାର ସମାଧାନ କରି ରାଜ୍ୟବାସୀଙ୍କ ମୁହଁରେ ହସ ଖେଳାଇ ପାରିବା ।

୪ । ଉତ୍କଟ ମରୁଡ଼ି ଓ ମୂଲ୍ୟବୃଦ୍ଧିର ପରିପ୍ରେକ୍ଷୀରେ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିକୁ ଲକ୍ଷ୍ୟରଖି ୧୯୮୦-୮୧ ପାଇଁ ବଜେଟ ପ୍ରସ୍ତୁତ କରାଯାଇଅଛି । ଚଳିତ ଆର୍ଥିକ ବର୍ଷ ସପ୍ତମ ଅର୍ଥ କମିଶନଙ୍କ ପଞ୍ଚବାର୍ଷିକ ଅନୁଦାନର ୨ୟ ବର୍ଷ । ଅର୍ଥ କମିଶନଙ୍କ ଅନୁଦାନ ଭିତ୍ତିରେ ବଜେଟ ପ୍ରସ୍ତୁତ କରାଯାଇଥିଲେ ମଧ୍ୟ ଏହି ଅନୁଦାନ ଦ୍ୱାରା କେବଳ ନିଅଣ୍ଟ ଭରଣା ହେବାଛଡ଼ା ବଳକା କିଛି ରହୁନାହିଁ ।

୫ । ବଜେଟ ଅନ୍ତର୍ଭୁକ୍ତ ବାର୍ଷିକ ଯୋଜନା ରାଜ୍ୟର ଦ୍ରୁତ ଉନ୍ନତି ପାଇଁ ଏକ ମୁଖ୍ୟ ବ୍ୟବସ୍ଥା । ମାନ୍ୟବର ସଭ୍ୟମାନେ ଜାଣି ଖୁସି ହେବେ ଯେ ଏ ବର୍ଷ ରାଜ୍ୟର ପୂର୍ବ ନିର୍ଦ୍ଧାରିତ ଯୋଜନା ବ୍ୟୟକୁ ଆମ ସରକାର ୨୨୧·୦୫ କୋଟି ଟଙ୍କାରୁ ୨୫୦·୧୬ କୋଟି ଟଙ୍କାକୁ ବୃଦ୍ଧି କରିପାରିଛନ୍ତି । ଏହି ଅତିରିକ୍ତ ବ୍ୟୟ ବରାଦ ଯୋଗେ ଆମେ ପ୍ରଚଳିତ କାର୍ଯ୍ୟକ୍ରମକୁ ମନ୍ଥର ନକରି ଆମର ନୀତି ଓ ଅଗ୍ରାଧିକାର ସମ୍ବଳିତ ପରିକଳ୍ପନାମାନଙ୍କୁ କାର୍ଯ୍ୟକାରୀ କରିବୁ । ଆମ ସରକାର ଦରିଦ୍ର ଜନସାଧାରଣଙ୍କ ଆର୍ଥିକ ଅବସ୍ଥାର ଅଭ୍ୟୁତ୍ଥାନ ଉପରେ ବିଶେଷ ଗୁରୁତ୍ୱ ଦିଅନ୍ତି । ଏଥିପାଇଁ ପ୍ରତି ଗ୍ରାମର ୧୦ ଗୋଟି ଦରିଦ୍ରତମ ପରିବାରକୁ ଦାରିଦ୍ର୍ୟ ସୀମାରେଖା ଅତିକ୍ରମକରି ସ୍ୱଚ୍ଛଳ ଜୀବନଯାପନର ସୁବିଧା ଯୋଗାଇ ଦିଆଯିବା ପାଇଁ ଏକ ନୂତନ କାର୍ଯ୍ୟପନ୍ଥା ହାତକୁ ନେଇଛନ୍ତି । ଯୋଜନା ବ୍ୟୟ ଅଟକଳର ବୃଦ୍ଧି ଫଳରେ ଶିଳ୍ପ କ୍ଷେତ୍ରରେ ଅଗ୍ରଗତି ପାଇଁ ମଧ୍ୟ ସରକାର ପଦକ୍ଷେପ ନେବେ । ଯୋଜନା ବ୍ୟୟ ବରାଦରେ ଜଳସେଚନ, ଶକ୍ତି, ପର୍ଯ୍ୟଟନ, ପରିବହନ, ଯାତାୟତ, ସ୍ୱାସ୍ଥ୍ୟ, ଜଳଯୋଗାଣ, ଶିକ୍ଷା, କୃଷି ଓ ଆନୁସଙ୍ଗିକ ସେବା ପାଇଁ

ଅଧିକ ଅର୍ଥ ବ୍ୟବସ୍ଥା କରାଯାଇଅଛି । ଯୋଜନାର ବିଭିନ୍ନ ବିଭାଗ ବାବଦ ଅର୍ଥ ବରାଦ ନିମ୍ନରେ ଦିଆଗଲା : —

| | | କୋଟି ଟଙ୍କା ହିସାବରେ | ଶତକଡ଼ା ହାର |
|---|---|---|---|
| କୃଷି ଓ ଆନୁସଙ୍ଗିକ ସେବା | .. | ୫୯·୬୯ | ୨୩·୮୬ |
| ଜଳ ଓ ଶକ୍ତି ଉନ୍ନୟନ | .. | ୧୩୦·୯୫ | ୫୨·୩୫ |
| ଶିଳ୍ପ ଓ ଖଣି | .. | ୧୨·୧୮ | ୪·୮୬ |
| ପରିବହନ ଓ ଯୋଗାଯୋଗ | .. | ୧୪·୩୧ | ୫·୭୨ |
| ସମାଜ ସେବା | .. | ୩୧·୧୬ | ୧୨·୪୬ |
| ଅର୍ଥନୈତିକ ଓ ବିବିଧ ସେବା | .. | ୧·୮୭ | ୦·୭୫ |
| | | ୨୫୦·୧୬ | ୧୦୦.୦୦ |

୬ । ୨୫୦·୧୬ କୋଟି ଟଙ୍କା ଯୋଜନା ବ୍ୟୟ ମଧ୍ୟରୁ ୨୦୨·୪୭ କୋଟି ଟଙ୍କା ରାଜ୍ୟ ବଜେଟରେ ଏବଂ ବାକି ଟଙ୍କା ରାଷ୍ଟ୍ରାୟତ୍ତ ଉଦ୍ୟୋଗମାନଙ୍କରେ ବରାଦ ହୋଇଅଛି । ଏତଦ୍‌ବ୍ୟତୀତ କେନ୍ଦ୍ର ସରକାରଙ୍କଠାରୁ ମଞ୍ଜୁରି ସାହାଯ୍ୟ ପାଇଁ ଆଗୁଆ ଯୋଜନା ସହାୟତା ବାବଦକୁ ୧୦·୨୯ କୋଟି ଟଙ୍କା, କେନ୍ଦ୍ରୀୟ ଓ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ପରିକଳ୍ପନାରେ ୪୮·୨୫ କୋଟି ଟଙ୍କା, ସ୍ୱତନ୍ତ୍ର ସାହାଯ୍ୟ ପ୍ରାପ୍ତ ଆଦିବାସୀ ଉନ୍ନୟନ କାର୍ଯ୍ୟକ୍ରମ ବାବଦକୁ ୮·୮୧ କୋଟି ଟଙ୍କା, ତଫସିଲଭୁକ୍ତ ଜାତିଙ୍କ ଉନ୍ନୟନ କାର୍ଯ୍ୟକ୍ରମ ବାବଦକୁ ୩·୮୯ କୋଟି ଟଙ୍କା ଓ କାର୍ଯ୍ୟ-ନିମିତ୍ତ ଖାଦ୍ୟ ପରିକଳ୍ପନା ପାଇଁ ୧୫·୭୮ କୋଟି ଟଙ୍କା ବ୍ୟୟ ବରାଦ ହୋଇଅଛି । ତେଣୁ ବଜେଟର ସମୁଦାୟ ଯୋଜନା ବ୍ୟୟ ୨୮୯·୪୯ କୋଟି ଟଙ୍କା । ଏହାଛଡ଼ା କାର୍ଯ୍ୟ-ନିମିତ୍ତ-ଖାଦ୍ୟ ଯୋଜନାରେ ୧୮·୨୯ କୋଟି ଟଙ୍କା ସମେତ ଅଣଯୋଜନା ଉନ୍ନୟନ ବ୍ୟୟ ବାବଦକୁ ୨୩୯·୦୪ କୋଟି ଟଙ୍କା ରଖାଯାଇଅଛି । ଅତଏବ ଉନ୍ନୟନମୂଳକ କାର୍ଯ୍ୟକ୍ରମ ପାଇଁ ସମୁଦାୟ ବ୍ୟୟ ଅଟକଳର ପରିମାଣ ୫୨୮·୫୩ କୋଟି ଟଙ୍କା ।

୭ । କର୍ମଚାରୀମାନଙ୍କୁ ଅତିରିକ୍ତ ମହଙ୍ଗା ଭତ୍ତା, ବର୍ଦ୍ଧିତ ହାରରେ ବାର୍ଦ୍ଧକ୍ୟ ଭତ୍ତା, ଘରୋଇ ଚିକିତ୍ସା ବନ୍ଦ ହେବାହେତୁ ଡାକ୍ତରମାନଙ୍କୁ ଭତ୍ତା, ସାହାଯ୍ୟପ୍ରାପ୍ତ ଶିକ୍ଷାୟତନର କର୍ମଚାରୀମାନଙ୍କୁ ଅବସର କାଳୀନ ଭତ୍ତା ଓ ବେତନ ସମୀକରଣ ଇତ୍ୟାଦି ବାବଦ ବ୍ୟୟ ଅଣଯୋଜନା ବ୍ୟୟ ବରାଦରେ ଅନ୍ତର୍ଭୁକ୍ତ ହୋଇଅଛି ।

୮ । ନ୍ୟାୟ, ଜେଲ୍, ପୁଲିସ ଓ ଆଦିବାସୀ ଉନ୍ନୟନର ପ୍ରଶାସନିକ ମାନବୃଦ୍ଧି ପାଇଁ ୩·୬୫ କୋଟି ଟଙ୍କା ବରାଦ ହୋଇଅଛି ।

୯ । ଅଣଯୋଜନା ଅଟକଳରେ ପୂର୍ବପରି ଶିକ୍ଷାପ୍ରତି ସର୍ବାଧିକ ଗୁରୁତ୍ୱ ଦିଆଯାଇ ସେ ବାବଦରେ ୯୫·୨୬ କୋଟି ଟଙ୍କା ତଥା ପୁଲିସ ଓ ସ୍ୱାସ୍ଥ୍ୟ ନିମିତ୍ତ ଯଥାକ୍ରମେ ୨୨·୫୬ କୋଟି ଓ ୧୯·୮୮ କୋଟି ଟଙ୍କାର ବ୍ୟୟ ବରାଦ ହୋଇଅଛି ।

୧୦ । ଅଣ ଯୋଜନା ପୁଞ୍ଜି ଲଗାଣ ହିସାବ ବାବଦକୁ ୮୯·୭୨ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଅଛି । ଏହା ଗତ ବର୍ଷର ସଂଶୋଧିତ ଅନୁଦାନଠାରୁ ଯଥେଷ୍ଟ କମ୍ । ସାଧନୋପାୟ ନେଣଦେଣର ସଂକୁଚିତ ଅଟକଳ ଏହାର ମୁଖ୍ୟ କାରଣ ।

୧୧ । ସଙ୍ଗଠିତ ପାଣ୍ଠିରେ ମୋଟ ୭୬୮·୭୮ କୋଟି ଟଙ୍କାର ବ୍ୟୟ ଏବଂ ୭୩୮·୧୫ କୋଟି ଟଙ୍କା ଆୟ ଅଟକଳ କରାଯାଇଅଛି ।

୧୨ । ମହାଶୟ, ଏହି ପୃଷ୍ଠଭୂମିରେ ମୁଁ ବର୍ତ୍ତମାନ ଆମ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ସଂକ୍ଷିପ୍ତ ସୂଚନା ଦେଉଅଛି ।

୧୩ । କୃଷି ଆମ ଅର୍ଥନୀତିର ପ୍ରଧାନ ଅବଲମ୍ବନ । ତେଣୁ ଆମର କୃଷି ଉନ୍ନୟନ କାର୍ଯ୍ୟକ୍ରମ, ଉତ୍ପାଦନ ବୃଦ୍ଧି ତଥା ଗ୍ରାମବାସୀମାନଙ୍କର ଆର୍ଥିକ ସ୍ୱଚ୍ଛଳତା ପାଇଁ ଉଦ୍ଦିଷ୍ଟ । ଆମ ରାଜ୍ୟର ଅଧିବାସୀ ମୁଖ୍ୟତଃ ଗ୍ରାମରେ ବାସ କରନ୍ତି ଏବଂ ଅଧିକାଂଶ ଲୋକ ତାଙ୍କର ଜୀବିକା ପାଇଁ ଜମି ଉପରେ ନିର୍ଭର କରନ୍ତି । କିନ୍ତୁ କୃଷି ଉନ୍ନୟନ କ୍ଷେତ୍ରରେ ଏପର୍ଯ୍ୟନ୍ତ ସମୁଚିତ ଉଦ୍ୟମ ଓ ଅର୍ଥ ଲଗାଣ ହୋଇ ପାରି ନାହିଁ । ବ୍ୟାଙ୍କ ଜାତୀୟକରଣ ପୂର୍ବରୁ ଏକ୍ଷେତ୍ରରେ ଋଣ ଲଗାଣର ଗୁରୁତର ଅଭାବ ଥିଲା । ପରବର୍ତ୍ତୀକାଳରେ ଋଣ ଲଗାଣ ସୁବିଧାର ବହୁଳ ବିସ୍ତାର ଘଟିଲା ପରେ ମଧ୍ୟ କ୍ଷୁଦ୍ରଚାଷୀ ଓ କାରୀଗରମାନେ ଆବଶ୍ୟକତାନୁଯାୟୀ ଋଣ ସହାୟତାର ପୂର୍ଣ୍ଣ ସୁଯୋଗ ପାଇ ପାରି ନାହାନ୍ତି । କିନ୍ତୁ କେବଳ ଋଣ ଓ ଆର୍ଥିକ ସହାୟତାର ପ୍ରସାର ଦ୍ୱାରା କୃଷକମାନଙ୍କର ସମସ୍ୟାର ସ୍ଥାୟୀ ପ୍ରତିକାର ହୋଇ ପାରିବ ନାହିଁ । କୃଷିସେବା ଉପରେ ଗୁରୁତ୍ୱ ଦିଆଗଲେ ହିଁ ଆଧୁନିକ ବୈଷୟିକ ପଦ୍ଧତିର ଅନୁସରଣ ଦ୍ୱାରା

କୃଷକମାନେ ଉପକୃତ ହୋଇପାରିବେ । ଅନ୍ୟାନ୍ୟ ଆନୁସଙ୍ଗିକ ଉନ୍ନୟନ କାର୍ଯ୍ୟକ୍ରମ ଯଥା କୁକୁଡ଼ା ପାଳନ, ଗୋପାଳନ, ମତ୍ସ୍ୟଚାଷ, ଜଙ୍ଗଲ ସୃଷ୍ଟି ଇତ୍ୟାଦିକୁ ମଧ୍ୟ ତ୍ୱରାନ୍ୱିତ କରିବା ଏବଂ ଭୂ-ସଂସ୍କାର, ବନ୍ଦୋବସ୍ତ ଓ ଚକବନ୍ଦୀ କାର୍ଯ୍ୟକ୍ରମକୁ କ୍ଷିପ୍ରତର କରିବା ଆବଶ୍ୟକ । କ୍ଷୁଦ୍ର ଜଳସେଚନ, ସମବାୟ ସମେତ କୃଷି ଓ ଆନୁସଙ୍ଗିକ ସେବା ପାଇଁ ଯୋଜନା ବ୍ୟୟ ୧୯୭୯-୮୦ ମସିହାରେ ୪୫.୦୮ କୋଟି ଓ ଚଳିତ ବର୍ଷର ପୂର୍ବ ନିର୍ଦ୍ଧାରିତ ଅଟକଳ ୫୧.୬୯ କୋଟି ଟଙ୍କା ଥିବା ସ୍ଥଳେ ବର୍ତ୍ତମାନ ୫୯.୬୯ କୋଟି ଟଙ୍କାକୁ ବୃଦ୍ଧି କରାଯାଇଅଛି ।

୧୪ । ଜଳସେଚନ କୃଷିର ପ୍ରଧାନ ସହାୟକ । ଜଳାଭାବ ହେଉଥିବା ଅଞ୍ଚଳରେ ଜଳସେଚନ ସୁବିଧାର ସଂପ୍ରସାରଣ ଓ ପ୍ରଚଳିତ ପରିକଳ୍ପନାମାନଙ୍କର କାର୍ଯ୍ୟ ସଂପୂର୍ଣ୍ଣ କରିବା ଆମର ଲକ୍ଷ୍ୟ । ତତ୍‌ସହିତ ବିନିଯୋଗ କରାଯାଇଥିବା ଅର୍ଥରୁ ଅଧିକ ଆୟ ସକାଶେ ଜଳର ଯଥୋଚିତ ଉପଯୋଗ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଅଛି । ବର୍ତ୍ତମାନ ଜଳସେଚନ ସୁବିଧାର ପୂର୍ଣ୍ଣ ବିନିଯୋଗ ହେଉନାହିଁ ଏବଂ ବ୍ୟବହୃତ ଜଳରୁ ଆଶାନୁରୂପ ଉତ୍ପାଦନ ମିଳୁନାହିଁ । ଜଳସେଚନରେ ବିନିଯୁକ୍ତ ପ୍ରଭୂତ ଅର୍ଥରୁ ହେଉଥିବା ଆୟ, ଋଣ ପରିଶୋଧ ଏପରିକି କାର୍ଯ୍ୟ ନିର୍ବାହ ତଥା ରକ୍ଷଣାବେକ୍ଷଣ ବ୍ୟୟ ତୁଲାଇବାକୁ ମଧ୍ୟ ଯଥେଷ୍ଟ ହେଉନାହିଁ । ଜଳର ସମବଣ୍ଟନ ଏବଂ ସମୁଚିତ ବିନିଯୋଗ ଉପଯୁକ୍ତ ଚାଷ ପ୍ରଣାଳୀର ପ୍ରବର୍ତ୍ତନ ଓ ଉଚିତ ଜଳକର ଦ୍ୱାରାହିଁ ଉକ୍ତ ବୈଷମ୍ୟ ଦୂର କରାଯାଇ ପାରିବ । ବର୍ତ୍ତମାନ କାର୍ଯ୍ୟକାରୀ ହେଉଥିବା ବୃହତ୍ ଓ ମଧ୍ୟମ ଜଳସେଚନ ପରିଯୋଜନା ମଧ୍ୟରୁ ଆଠଗୋଟି ମଧ୍ୟମ ପରିଯୋଜନାକୁ ଚଳିତ ବର୍ଷରେ ଶେଷ କରିବା ଲକ୍ଷ୍ୟ ଧାର୍ଯ୍ୟ କରାଯାଇଅଛି । ସାମାକୋଇ ବୃହତ୍ ଜଳସେଚନ ପରିଯୋଜନା ଏବଂ ବଡ଼ନଳା, ଦରଜଙ୍ଗ ୨ୟ ପର୍ଯ୍ୟାୟ ଓ ଶାଳିଆ ୨ୟ ପର୍ଯ୍ୟାୟ ଏହି ତିନୋଟି ନୂତନ ମଧ୍ୟମ ଜଳସେଚନ ପରିଯୋଜନା କାର୍ଯ୍ୟ ମଧ୍ୟ ଆରମ୍ଭ କରିବା ପ୍ରସ୍ତାବ ଅଛି । ଭୂଗର୍ଭ ଜଳ ସଂପଦର ପରିମାପ ଓ ଉଠା ଜଳସେଚନ ଯୋଜନାଗୁଡ଼ିକୁ ବିଦ୍ୟୁତ୍ ଚାଳିତ କରିବା କାର୍ଯ୍ୟ ଚାଲୁ ରହିବ । ବିଶ୍ୱ ବ୍ୟାଙ୍କ ସହାୟତା ପ୍ରାପ୍ତ ପରିଯୋଜନାଗୁଡ଼ିକୁ ଅଗ୍ରାଧିକାର ଦିଆଯିବ । ଜଳସେଚନ ନିମିତ୍ତ ବ୍ୟୟ ବାବଦକୁ ୧୯୭୯-୮୦ ମସିହାରେ ୫୪.୫୦ କୋଟି ଟଙ୍କା ଏବଂ ଏ ବର୍ଷର ପୂର୍ବ ନିର୍ଦ୍ଧାରିତ ଅଟକଳରେ ୬୪.୫୦ କୋଟି ଟଙ୍କା ରଖାଯାଇଥିବା ସ୍ଥଳେ ବର୍ତ୍ତମାନ ବଜେଟରେ ୭୪.୫୦ କୋଟି ଟଙ୍କା ବରାଦ କରାଯାଇଅଛି ।

୧୫ । ରାଜ୍ୟ ବିଦ୍ୟୁତ୍ ବୋର୍ଡ଼ର ୪୫.୩୪ କୋଟି ଟଙ୍କା ବିନିଯୋଗ ସମେତ ଚଳିତ ବର୍ଷ ଶକ୍ତି ଯୋଜନା ପାଇଁ ୭୩.୪୫ କୋଟି ଟଙ୍କାର ବ୍ୟବସ୍ଥା ହୋଇଅଛି । ଅଗ୍ରାଧିକାର ପ୍ରାପ୍ତ ଯୋଜନା ମଧ୍ୟରେ ତାଳଚେର ତାପଜ ବିଦ୍ୟୁତ୍ କେନ୍ଦ୍ରର ସଂପ୍ରସାରଣ, ରେଙ୍ଗାଲି, ଅପର କୋଲାବ ଏବଂ ଅପର ଇନ୍ଦ୍ରାବତୀ ପରିଯୋଜନା ଅନ୍ତର୍ଭୁକ୍ତ । ଏଗୁଡ଼ିକର କାର୍ଯ୍ୟ ସଂପୂର୍ଣ୍ଣ ହେଲେ ବର୍ତ୍ତମାନର ବିଦ୍ୟୁତ୍ ଉତ୍ପାଦନର ସାମର୍ଥ୍ୟ ୯୧୪ ମେଗାୱାଟ୍‌ରୁ ୨,୦୭୪

ମେଗାଓ୍ୱାଟ୍‌କୁ ବୃଦ୍ଧି ପାଇବ । ରାଜ୍ୟ ବିଦ୍ୟୁତ୍ ବୋର୍ଡ ଗ୍ରାମ୍ୟ ବିଦ୍ୟୁତ୍‌କରଣ ଯୋଜନା ମାଧ୍ୟମରେ ବିଦ୍ୟୁତ୍ ସଂଗ୍ରହ ଓ ବଣ୍ଟନର ବ୍ୟାପକ କାର୍ଯ୍ୟ ହାତକୁ ନେଇଛନ୍ତି । ଏହି କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରାଯିବ ।

୧୬ । ପ୍ରାକୃତିକ ସଂପଦର ପ୍ରାଚୁର୍ଯ୍ୟ ସତ୍ତ୍ୱେ ଆମର ଶିଳ୍ପ ବିକାଶ ଅତ୍ୟନ୍ତ ଶିଥିଳ । ଆବଶ୍ୟକୀୟ ସଂଯୋଜନାର ଅଭାବରୁ ପ୍ରତିହତ ହେଉଥିବା ବିକାଶ ପଥ ସୁଗମ କରିବା ଆମ୍ଭମାନଙ୍କର ସର୍ବ ପ୍ରଥମ କାର୍ଯ୍ୟ । ଶିଳ୍ପର ଦ୍ରୁତ ବିକାଶକୁ ଆଖି ଆଗରେ ରଖି ଆମେ ନୂତନ ଶିଳ୍ପ ନୀତି ଘୋଷଣା କରିଅଛୁ । ନୂତନ ଶିଳ୍ପ ପ୍ରତିଷ୍ଠା ପାଇଁ ଶିଳ୍ପୋଦ୍ୟୋଗୀମାନଙ୍କୁ ଦିଆଯାଉଥିବା ସାହାଯ୍ୟ ବୃଦ୍ଧି କରାଯାଇଛି ଓ ଟିକସ ଛାଡ଼, ରିହାତି ଇତ୍ୟାଦି କ୍ଷେତ୍ରରେ ନୂତନ ବ୍ୟବସ୍ଥାମାନ କରାଯାଇଅଛି । ନୂତନ ଶିଳ୍ପ ନିମିତ୍ତ ଉପଯୁକ୍ତ କେନ୍ଦ୍ରମାନ ସ୍ଥାପନ ପାଇଁ ଏକ ଉନ୍ନୟନ ନିଗମ ପ୍ରତିଷ୍ଠା କରାଯାଉଅଛି । ସରକାର ଆଶା କରନ୍ତି ଯେ ଶିଳ୍ପପତି ଓ ଶିଳ୍ପୋଦ୍ୟୋଗୀମାନେ ଏହି ନୂତନ ବ୍ୟବସ୍ଥାର ସୁଯୋଗ ନେବେ ଏବଂ ରାଜ୍ୟର ଦ୍ରୁତ ଶିଳ୍ପ ବିକାଶରେ ଭାଗୀଦାର ହେବେ । ଶିଳ୍ପ ବିକାଶ ଓ ବିନିଯୋଗ ନିଗମ, ଶିଳ୍ପ ଉନ୍ନୟନ ନିଗମ ଓ ଓଡ଼ିଶା ଖଣି ନିଗମ ନିଜ ନିଜ କାର୍ଯ୍ୟ ପରିସର ସଂପ୍ରସାରିତ କରିବାରେ ମନୋନିବେଶ କରିଅଛନ୍ତି । ଓଡ଼ିଶା ରାଜ୍ୟ ଅର୍ଥ ନିଗମ ମଧ୍ୟ ଅଧିକ ପୁଞ୍ଜି ବିନିଯୋଗ କରିବାପାଇଁ ବିସ୍ତର କରୁଛନ୍ତି । ଦୁର୍ବଳ ଶ୍ରେଣୀମାନଙ୍କୁ ଅଧିକ ସୁବିଧାଦେବା ପାଇଁ ଚମଡ଼ା ନିଗମ ଓ ହସ୍ତତନ୍ତ ଉନ୍ନୟନ ନିଗମର କାର୍ଯ୍ୟକୁ ମଧ୍ୟ ସଂପ୍ରସାରିତ କରାଯାଉଛି । ଶିଳ୍ପ ଓ ଖଣି ଉନ୍ନୟନ ନିମନ୍ତେ ଯୋଜନା ବ୍ୟୟ ୧୯୭୯-୮୦ ରେ ୭·୩୯ କୋଟି ଟଙ୍କା ଥିବା ସ୍ଥଳେ ୧୯୮୦-୮୧ରେ ତାହାକୁ ୧୨·୧୮ କୋଟି ଟଙ୍କାକୁ ବୃଦ୍ଧି କରାଯାଇଅଛି ।

୧୭ । ମାନ୍ୟବର ସଭ୍ୟମାନେ ଅବଗତ ଅଛନ୍ତି ଯେ ସବୁଠାରୁ କମ୍ ରେଳରାସ୍ତା ଥିବା ରାଜ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଅନ୍ୟତମ । ତେଣୁ ଆମର ଆର୍ଥିକ ଅବସ୍ଥାର ଉନ୍ନତିପାଇଁ ରାଜପଥ ଓ ସଂଯୋଗକାରୀ ସଡ଼କର ମୌଳିକ ଆବଶ୍ୟକତା ଯଥେଷ୍ଟ ବେଶୀ । ଚଳିତ ବର୍ଷର ରାସ୍ତା ଉନ୍ନୟନ ପରିକଳ୍ପନାରେ ପ୍ରଧାନ ରାସ୍ତାମାନଙ୍କର ଉନ୍ନତି ଓ ବ୍ଲକ ସଦର ମହକୁମାଗୁଡ଼ିକୁ ସବ୍‌ଡିଭିଜନ ଓ ଜିଲ୍ଲା ସଦର ମହକୁମା ସହିତ ସଂଯୋଗ କରିବାପାଇଁ ଯଥା ସମ୍ଭବ ବ୍ୟବସ୍ଥା କରାଯାଉଅଛି । ସର୍ବନିମ୍ନ ଆବଶ୍ୟକତା କାର୍ଯ୍ୟକ୍ରମରେ ଗ୍ରାମ୍ୟ ରାସ୍ତାର ଉନ୍ନୟନ ଓ ସଂପ୍ରସାରଣ କରାଯିବ । ଯୋଜନାର ମୁଖ୍ୟ କାର୍ଯ୍ୟକ୍ରମରେ ସଡ଼କ ଉନ୍ନୟନ ଅନ୍ତର୍ଭୁକ୍ତ ହୋଇନଥିବାରୁ ରାସ୍ତାଘାଟ ବିକାଶ ଓ ସଂପ୍ରସାରଣ ପାଇଁ ବ୍ୟୟ ବରାଦ ଅତ୍ୟନ୍ତ ସୀମିତ ହୋଇଅଛି । ତଥାପି ପୂର୍ବାପେକ୍ଷା ବର୍ତ୍ତମାନ ବଜେଟରେ ସଡ଼କ ନିର୍ମାଣ ପାଇଁ ଅଧିକ ବ୍ୟୟ ବରାଦ କରାଯାଇଅଛି ଏବଂ ପୂର୍ବ ନିର୍ଦ୍ଧାରିତ ଅଟକଳ ୮·୭୫ କୋଟି ଟଙ୍କା ଥିବା ସ୍ଥଳେ ବର୍ତ୍ତମାନ ବଜେଟରେ ୧୧·୦୫ କୋଟି ଟଙ୍କାର ବ୍ୟୟ ବ୍ୟବସ୍ଥା ହୋଇଅଛି ।

ଜନସାଧାରଣଙ୍କର କ୍ରମବର୍ଦ୍ଧିଷ୍ଣୁ ଆବଶ୍ୟକତା ମେଣ୍ଟାଇବା ପାଇଁ ରାଜ୍ୟ ପରିବହନ ନିଗମ ତାଙ୍କର ଯାନବାହନ ସଂଖ୍ୟା ବୃଦ୍ଧି କରିବେ । ଚଳିତ ଆର୍ଥିକ ବର୍ଷର ଶେଷ ସୁଦ୍ଧା ଯଖପୁରା-ଦେିତାରୀ ରେଳପଥ କାର୍ଯ୍ୟ ସଂପୂର୍ଣ୍ଣ ହେବା ଆଶା କରାଯାଏ । ଧାମରା ମାଛଧରା ବନ୍ଦର ଚଳିତବର୍ଷ କାର୍ଯ୍ୟ ଆରମ୍ଭ କରିବ । ବହୁବର୍ଷ ଧରି କାର୍ଯ୍ୟକାରୀ କରାଯାଇଥିବା କୋଣାର୍କ-ପୁରୀ ବେଳାଭୂମି ସଡ଼କ ଏବଂ ସୁବର୍ଣ୍ଣରେଖା ନଦୀ ଉପରେ ନିର୍ମାଣ କରାଯାଇଥିବା ସେତୁର କାର୍ଯ୍ୟ ତ୍ୱରାନ୍ୱିତ କରାଯିବ । ବନ୍ଦର ବିକାଶ ଦିଗରେ ଗୋପାଳପୁର ବନ୍ଦର ନିର୍ମାଣ ଏକ ଉଲ୍ଲେଖନୀୟ ପଦକ୍ଷେପ । ଏଥିପାଇଁ ବଜେଟରେ ୭୩ ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଅଛି ।

୧୮ । ବର୍ଷପରେ ବର୍ଷ ମରୁଡ଼ି ଫଳରେ ପାନୀୟ ଜଳର ଅଭାବ ରାଜ୍ୟରେ ଏକ ଦୀର୍ଘ ଦିନର ସମସ୍ୟା ହୋଇ ରହିଛି । ମରୁଡ଼ି ସମ୍ଭାବ୍ୟ ଅଞ୍ଚଳ ଓ ପାନୀୟ ଜଳ ସମସ୍ୟା ସଂକୁଳ ଗ୍ରାମମାନଙ୍କରେ ପ୍ରଚଳିତ ଓ ନୂତନ ପରିକଳ୍ପନାଗୁଡ଼ିକୁ କାର୍ଯ୍ୟକାରୀ କରିବାକୁ ଅଗ୍ରାଧିକାର ଭିତ୍ତିରେ ଦୃଢ଼ ପଦକ୍ଷେପ ନିଆଯିବ । ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ପରିକଳ୍ପନାଗୁଡ଼ିକ ସମାପ୍ତ କରିବା ନିମିତ୍ତ ଉଦ୍ୟମ ଜାରିରହିବ । ୧୯୭୯-୮୦ ରେ ପାନୀୟ ଜଳ ଯୋଗାଣ ପାଇଁ ୫·୭୪ କୋଟି ଟଙ୍କାର ବ୍ୟୟ ବରାଦ ଥିବା ସ୍ଥଳେ ଚଳିତ ବର୍ଷ ୭·୭୫ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଅଛି ।

୧୯ । ଜନସ୍ୱାସ୍ଥ୍ୟ ସୁବିଧାର ଉନ୍ନତି, ସଂକ୍ରାମକ ରୋଗର ନିୟନ୍ତ୍ରଣ ଓ ନିରାକରଣ ଏବଂ ପରିବାର କଲ୍ୟାଣ ଆମ ସ୍ୱାସ୍ଥ୍ୟ ସେବା କାର୍ଯ୍ୟକ୍ରମର ପ୍ରଧାନ ଅଙ୍ଗ ବିଶେଷ । ବ୍ରିଟିଶ ସହାୟତାରେ ପାଞ୍ଚ ଟି ଜିଲ୍ଲାରେ ସ୍ୱାସ୍ଥ୍ୟସେବାର ଏକ ବିସ୍ତୃତ ଯୋଜନା କାର୍ଯ୍ୟକାରୀ କରାଯାଉଅଛି । ପରିବାର କଲ୍ୟାଣ, ମାତୃ ମଙ୍ଗଳ ଓ ଶିଶୁ କଲ୍ୟାଣ ସହିତ ମୌଳିକ ସ୍ୱାସ୍ଥ୍ୟସେବାର ଉନ୍ନତି ଏହାର ଲକ୍ଷ୍ୟ । ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ହାସ-ପାତାଳ ଓ ଡାକ୍ତରଖାନାଗୁଡ଼ିକରେ ଔଷଧ ପତ୍ର, ଯନ୍ତ୍ରପାତି ଏବଂ କର୍ମଚାରୀଙ୍କ ଅଭାବ ଦୂର କରିବା ସକାଶେ ମଧ୍ୟ ବ୍ୟବସ୍ଥା କରାଯାଉଅଛି । ଆମ୍ଭେମାନେ କାର୍ଯ୍ୟଭାର ଗ୍ରହଣ କରିବା ପରେ ପୀଡ଼ିତ ଜନସାଧାରଣଙ୍କ ଚିକିତ୍ସା ଏବଂ ସେବା-ନୁଷ୍ଠାନମାନଙ୍କରେ ଡାକ୍ତରମାନଙ୍କର ଏକାନ୍ତ ମନୋନିବେଶ ପାଇଁ ସେମାନଙ୍କ ଘରୋଇ ଚିକିତ୍ସା ନିଷିଦ୍ଧ କରିଅଛୁ । ସହଜରେ ଲୋକଙ୍କୁ ଚିକିତ୍ସାର ସୁବିଧା ଯୋଗାଇ ଦେବା ସକାଶେ ଦେଶୀୟ ଓ ହୋମିଓପାଥିକ୍ ଚିକିତ୍ସା ପଦ୍ଧତିର ପ୍ରସାର କରାଯାଉ-ଅଛି । ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ଗତ ବର୍ଷର ବ୍ୟୟ ୩·୯୫ କୋଟି ଟଙ୍କା ଥିବା ସ୍ଥଳେ ଚଳିତ ବର୍ଷ ତାକୁ ୬·୫୮ କୋଟି ଟଙ୍କାକୁ ବୃଦ୍ଧି କରାଯାଇଅଛି ।

୨୦ । ଶିକ୍ଷା କାର୍ଯ୍ୟକ୍ରମରେ ନିରକ୍ଷରତା ଦୂରୀକରଣ, ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷାର ସୁସଂଗଠନ ଓ ଗୁଣାତ୍ମକ ସଂସ୍କାର, ବୃତ୍ତ୍ୟାଭିମୁଖୀ ପ୍ରଶିକ୍ଷଣ, ସ୍ତ୍ରୀ ଶିକ୍ଷାର ସଂପ୍ରସାରଣ ଏବଂ ହରିଜନ ଆଦିବାସୀ ପିଲାମାନଙ୍କ ପାଇଁ ଆବାସିକ ବିଦ୍ୟାଳୟ

ସ୍ଥାପନ ଉପରେ ଗୁରୁତ୍ୱ ଦିଆଯାଇଅଛି । ଅସଂପୂର୍ଣ୍ଣ ସ୍କୁଲଗୃହ ସଂପୂର୍ଣ୍ଣ କରିବା ସଙ୍ଗେ ସଙ୍ଗେ ପାଠାଗାର, ବିଜ୍ଞାନାଗାର ଓ ଶ୍ରେଣୀଗୃହ ଇତ୍ୟାଦିର ବ୍ୟବସ୍ଥା ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକାରୀ କରି ଦୀର୍ଘ ଦିନର ଅଭାବ ଅସୁବିଧା ଦୂର କରାଯିବ । ସାକ୍ଷରତା ବୃଦ୍ଧି କରି ଲୋକମାନଙ୍କ ଶିକ୍ଷା ଓ ଜୀବନ ଧାରଣର ମାନ ବୃଦ୍ଧି କରାଇବା ଆମର ନୀତି ହୋଇଥିବାରୁ ପ୍ରାଥମିକ ଶିକ୍ଷାକୁ ସାର୍ବଜନୀନ କରିବା ଦିଗରେ ଅଧିକ ଗୁରୁତ୍ୱ ଦିଆଯାଉଅଛି । ଶିକ୍ଷା ପାଇଁ ରାଜ୍ୟ ଯୋଜନାରେ ୮·୩୦ କୋଟି ଟଙ୍କା ଏବଂ ଅଣ-ଯୋଜନାରେ ୯୫·୨୬ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଅଛି ।

୨୧ । ଭୂମିହୀନ ଓ ଦୁର୍ବଳ ଶ୍ରେଣୀର ଲୋକମାନଙ୍କୁ ବାସଗୃହ ଯୋଗାଇ ଦେବା ଆମର ଗୋଟିଏ ମୁଖ୍ୟ ଲକ୍ଷ୍ୟ । ସର୍ବନିମ୍ନ ଆବଶ୍ୟକତା କାର୍ଯ୍ୟକ୍ରମରେ ଗ୍ରାମ୍ୟ ବାସଗୃହ ନିର୍ମାଣ ପରିକଳ୍ପନା ମାଧ୍ୟମରେ ଘରଡିହ ଯୋଗାଇ ଦେବା ସଙ୍ଗେ ସଙ୍ଗେ ଗୃହ ନିର୍ମାଣ ପାଇଁ ଆର୍ଥିକ ସାହାଯ୍ୟ ଯୋଗାଇ ଦିଆଯିବାର ବ୍ୟବସ୍ଥା ହୋଇଛି । ବିଭିନ୍ନ ବାସଗୃହ ନିର୍ମାଣ ପରିକଳ୍ପନା ଦ୍ୱାରା ମଧ୍ୟମ ଓ ସ୍ୱଳ୍ପ ଆୟକାରୀ ଶ୍ରେଣୀକୁ ଆର୍ଥିକ ସହାୟତାର ବ୍ୟବସ୍ଥା ଚାଲୁରହିବ । ଗୃହ ନିର୍ମାଣ ସଂସ୍ଥା ଓ ଉନ୍ନୟନ ଟ୍ରଷ୍ଟମାନେ ଗୃହ ନିର୍ମାଣ ଓ ପୌର ଉନ୍ନୟନ ନିଗମ ଏବଂ ଅନ୍ୟାନ୍ୟ ଅର୍ଥ ଲଗାଣକାରୀ ସଂସ୍ଥାମାନଙ୍କ ସହାୟତାରେ ସହରାଞ୍ଚଳରେ ଗୃହ ନିର୍ମାଣ କାର୍ଯ୍ୟକ୍ରମ ସଂପ୍ରସାରଣ କରିବା ପାଇଁ ଯୋଜନା ପ୍ରସ୍ତୁତ କରିଅଛନ୍ତି ।

୨୨ । ଆର୍ଥିକ ପୁନରୁତ୍ଥାନ ପାଇଁ ଶ୍ରମିକ କଲ୍ୟାଣ ଏବଂ ଶିଳ୍ପ କ୍ଷେତ୍ରରେ ଶାନ୍ତି ପ୍ରତିଷ୍ଠା ଉପରେ ଗୁରୁତ୍ୱ ଦିଆଯାଉଅଛି । ଶ୍ରମିକ ଶ୍ରେଣୀର ସ୍ୱାର୍ଥରକ୍ଷା ଓ ନ୍ୟାଯ୍ୟ ଦାବୀର ସମାଧାନ ପାଇଁ ସମୁଚିତ ସାମାଜିକ ଓ ବୈଧାନିକ ବ୍ୟବସ୍ଥା କରିବା ଆମର ନୀତି ।

୨୩ । ଆମର ଅତି ଜରୁରୀ ସମସ୍ୟାମାନଙ୍କ ମଧ୍ୟରେ ବେକାରୀ ସମସ୍ୟା ଅନ୍ୟତମ । ଲୋକମାନେ ଫଳପ୍ରସୂ କାର୍ଯ୍ୟ ମାଧ୍ୟମରେ ଜୀବିକା ନିର୍ବାହ କରିବାକୁ ସମର୍ଥ ନହେଲେ ଯାଏ ଆମର ଆର୍ଥିକ ଉନ୍ନତି ନିରର୍ଥକ । କୃଷି ଓ ଶିଳ୍ପର ଉନ୍ନତି ଓ ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଦ୍ୱାରା ନାନାବିଧ କର୍ମସଂସ୍ଥାନ ସୃଷ୍ଟି ହେବ । ଗ୍ରାମାଞ୍ଚଳରେ କାର୍ଯ୍ୟ ନିମିତ୍ତ ଖାଦ୍ୟ ପରିକଳ୍ପନା ମାଧ୍ୟମରେ କାର୍ଯ୍ୟକାରୀ ହେଉଥିବା ଅନେକ ନିର୍ମାଣ ଯୋଜନା ମଧ୍ୟ ଏଥିପାଇଁ ସହାୟକ ହେବ । କେବଳ ପାରିଶ୍ରମିକ ଭିତ୍ତିକ କର୍ମଯୋଗାଣ ଦ୍ୱାରା ବେକାର ସମସ୍ୟାର ସମାଧାନ ହୋଇ ନ ପାରେ । ଆତ୍ମନିଯୁକ୍ତି ସୁଯୋଗର ମଧ୍ୟ ସଂପ୍ରସାରଣ ଆବଶ୍ୟକ । ତେଣୁ ଏ ସଂକ୍ରାନ୍ତୀୟ ସୁଯୋଗର ବୃଦ୍ଧି ଏବଂ ସେଥିପାଇଁ ଅର୍ଥ ସାହାଯ୍ୟକାରୀ ଅନୁଷ୍ଠାନମାନଙ୍କଠାରୁ ସାହାଯ୍ୟ ପ୍ରାପ୍ତିର ସୁବିଧା କରିବା ଆମର ପ୍ରଚେଷ୍ଟା ।

୨୪ । ହରିଜନ ଓ ଆଦିବାସୀମାନଙ୍କର କଲ୍ୟାଣ ସାଧନ ଆମର ମୁଖ୍ୟ ଦାୟିତ୍ୱ । ସାମାଜିକ ନ୍ୟାୟ ଅନୁସରଣ ପୂର୍ବକ ଉନ୍ନତ ଓ ଅନୁନ୍ନତ ଶ୍ରେଣୀ ମଧ୍ୟରେ ସାମାଜିକ ଓ ଅର୍ଥନୈତିକ ବୈଷମ୍ୟ ହ୍ରାସ କରିବା ଦିଗରେ ବିଶେଷ ପଦକ୍ଷେପମାନ ନିଆଯାଇଅଛି । ଦୁର୍ବଳଶ୍ରେଣୀ ଲୋକମାନଙ୍କୁ ଶୋଷଣରୁ ରକ୍ଷା କରିବା ଏବଂ ସାକ୍ଷରତା ପ୍ରସାର କରି ସେମାନଙ୍କୁ ନିଜର ଅଧିକାର ଓ ସାମାଜିକ ଦାୟିତ୍ୱବୋଧ ପ୍ରତି ସଚେତନ କରାଇବା ବର୍ତ୍ତମାନ ଆମର ପ୍ରଧାନ ଲକ୍ଷ୍ୟ । ତେଣୁ ଜନମଙ୍ଗଳ କାର୍ଯ୍ୟକ୍ରମରେ ଶିକ୍ଷାର ପ୍ରସାରକୁ ଅଗ୍ରାଧିକାର ଦିଆଯାଇଅଛି । ସମନ୍ୱିତ ଆଦିବାସୀ ଉନ୍ନୟନ ପରିଯୋଜନା ଓ ପରିବର୍ତ୍ତିତ କ୍ଷେତ୍ର ଉନ୍ନୟନ ପରିକଳ୍ପନା ମାଧ୍ୟମରେ ଆଦିବାସୀମାନଙ୍କର ଦ୍ରୁତ ବିକାଶ କ୍ଷେତ୍ରରେ ବହୁମୁଖୀ ପ୍ରଚେଷ୍ଟାଗୁଡ଼ିକ ଋଲୁ ରଖାଯାଇଛି । ଏବର୍ଷ ବଜେଟରେ ହରିଜନମାନଙ୍କ ଉନ୍ନତି କଳ୍ପେ ଏକ ନୂତନ ଯୋଜନା ପାଇଁ ୩'୮୯ କୋଟି ଟଙ୍କାର ବ୍ୟୟ ବ୍ୟବସ୍ଥା କରାଯାଇଅଛି । ଆଦିବାସୀ ଉପଯୋଜନା ଓ ତଫସିଲଭୁକ୍ତ ଜାତିର କଲ୍ୟାଣ ପାଇଁ ଯୋଜନା ବାବଦକୁ ମୋଟ ୯୨'୮୩ କୋଟି ଟଙ୍କା ରଖାଯାଇଅଛି ।

୨୫ । ମୁଁ ଏହି ସୁଯୋଗରେ ଗୃହର ଅବଗତି ପାଇଁ ଜଣାଇ ଦେବାକୁ ଋହେଁ ଯେ ସମ୍ବଳର ସ୍ୱଳ୍ପତା ସତ୍ତ୍ୱେ ସାମାଜିକ ନିରାପତ୍ତା ଦିଗରେ ବହୁଦିନରୁ ଅନୁଭୂତ କେତେକ ଆବଶ୍ୟକତାର ପୂରଣ ପାଇଁ ସରକାର ପଦକ୍ଷେପ ନେଇଅଛନ୍ତି । ଗ୍ରାମୀଣ ଦରିଦ୍ର ଲୋକମାନଙ୍କର ଆର୍ଥିକ ସ୍ଥିତିର ପୁନର୍ଗଠନ କାର୍ଯ୍ୟକ୍ରମରେ ୫ ଲକ୍ଷ ଦରିଦ୍ରତମ ପରିବାରକୁ ଦାରିଦ୍ର୍ୟ କବଳରୁ ମୁକ୍ତ କରିବା ପାଇଁ ଉଦ୍ଦିଷ୍ଟ କାର୍ଯ୍ୟକ୍ରମ ସଂପର୍କରେ ଏହା ପୂର୍ବରୁ ମୁଁ ସୂଚନା ଦେଇଅଛି । ବୃଦ୍ଧ ଓ ଅସମର୍ଥମାନଙ୍କର ଭତ୍ତାହାର ବୃଦ୍ଧି କରାଯାଇଅଛି । ଗୋତି-ମୁକ୍ତ ଶ୍ରମିକମାନଙ୍କର ପୁନର୍ବସତି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଉଅଛି । ଦରଦାମ ବୃଦ୍ଧିଜନିତ ଆର୍ଥିକ ଅଭାବ ଲାଘବ ପାଇଁ ସରକାରୀ କର୍ମଋରୀମାନଙ୍କୁ ବର୍ଦ୍ଧିତ ହାରରେ ଅତିରିକ୍ତ ମହଙ୍ଗାଭତ୍ତା ଓ ଅବସରପ୍ରାପ୍ତ କର୍ମଋରୀମାନଙ୍କର ଭତ୍ତା ମଧ୍ୟ ବୃଦ୍ଧି କରାଯାଇ-ଅଛି । ସାହାଯ୍ୟ ପ୍ରାପ୍ତ ଶିକ୍ଷାନୁଷ୍ଠାନମାନଙ୍କର କର୍ମଋରୀଙ୍କୁ ମଧ୍ୟ ଅବସରକାଳୀନ ଭତ୍ତା ଇତ୍ୟାଦିର ସୁବିଧା ପ୍ରଦାନ କରାଯାଇଅଛି ।

୨୬ । ଜାତି ଗଠନ ଦିଗରେ ସମାନ ଅଂଶୀଦାର ଭାବେ କାର୍ଯ୍ୟ କରିବା ପାଇଁ ସମାଜର ଦୁର୍ବଳ ଶ୍ରେଣୀର ଲୋକମାନଙ୍କୁ ସକ୍ଷମ କରିବା ଆମର ଲକ୍ଷ୍ୟ । ଏଥିପାଇଁ ବିଂଶସୂତ୍ରୀ କାର୍ଯ୍ୟକ୍ରମକୁ ନିଷ୍ଠାର ସହ କାର୍ଯ୍ୟକାରୀ କରିବା ଆମର ଏକାନ୍ତ ପ୍ରଚେଷ୍ଟା ।

୨୭ । ଉପରୋକ୍ତ କାର୍ଯ୍ୟକ୍ରମଗୁଡ଼ିକର ବାସ୍ତବ ରୂପାୟନ ପାଇଁ ଆର୍ଥିକ ସମ୍ବଳ ସଂଗ୍ରହର ଗୁରୁଦାୟିତ୍ୱ ଆମମାନଙ୍କ ଉପରେ ନ୍ୟସ୍ତ ହୋଇଅଛି । ୨୫୦'୧୬ କୋଟି ଟଙ୍କାର ରାଜ୍ୟ ଯୋଜନା ବ୍ୟୟ ବାବଦକୁ ୧୫୦'୬୦ କୋଟି ଟଙ୍କା କେନ୍ଦ୍ରୀୟ ସାହାଯ୍ୟ ମିଳିବ ଏବଂ ଅବଶିଷ୍ଟ ଅର୍ଥ ରାଜ୍ୟ ସରକାରଙ୍କୁ ନିଜ ସମ୍ବଳରୁ ପୂରଣ କରିବାକୁ ହେବ ।

ସେଥିପାଇଁ ଚଳିତ ବର୍ଷରେ ୨୯.୩୦ କୋଟି ଟଙ୍କା ଅତିରିକ୍ତ ସମ୍ବଳ ସଂଗ୍ରହ କରିବା ଆବଶ୍ୟକ । ବିଦ୍ୟୁତ୍ ଶୁଳ୍କ, ଖଣି ରାଜଭାଗ ଉପରେ ସେସ୍ ଓ ଓଡ଼ିଶା ମଟର ଭେହିକଲ୍ ନିୟମାବଳୀ ଅନ୍ତର୍ଭୁକ୍ତ ଫିସ୍‌ର ହାରରେ ଅଣାଯାଇଥିବା ପରିବର୍ତ୍ତନ ହେତୁ ୧୫.୬୮ କୋଟି ଟଙ୍କା ଅତିରିକ୍ତ ଆୟ ହେବାର ଅଟକଳ କରାଯାଇଅଛି । ରାଜ୍ୟ ପରିବହନ ସଂସ୍ଥାର ଯାତ୍ରୀ ଓ ମାଲ ଭଡ଼ା ବୃଦ୍ଧି, ବାଉଁଶ ଜଙ୍ଗଲରୁ ଅଧିକ ରାଜସ୍ୱ ଆଦାୟ ଏବଂ କୋଇଲା ଓ କ୍ରୋମାଇଟ୍ ଉପରେ ରାଜଭାଗ ବୃଦ୍ଧି ଯୋଗୁ ୩ କୋଟିରୁ ଅଧିକ ଟଙ୍କା ମିଳିବାର ଆଶା କରାଯାଏ । ଅବଶିଷ୍ଟ ସମ୍ବଳ ରାଜ୍ୟ ସରକାର ଓ ରାଷ୍ଟ୍ରାୟତ୍ତ ସଂସ୍ଥାମାନଙ୍କର ବକେୟା ରାଜସ୍ୱ ଆଦାୟକରି ଭରଣା କରାଯିବାପାଇଁ ଉଦ୍ୟମ କରାଯିବ ।

୨୮ । ମହାଶୟ, ମୋର ବକ୍ତବ୍ୟ ଶେଷ କରିବାକୁ ଯାଉଛି । ତାହା ପୂର୍ବରୁ ମୁଁ ସୂଚାଇ ଦେବାକୁ ଚାହେଁ ଯେ ଆପଣମାନଙ୍କ ସମ୍ମୁଖରେ ଉପସ୍ଥାପିତ ହୋଇଥିବା ବଜେଟ କ୍ରାନ୍ତିକାରୀ ନୁହେଁ, ବାସ୍ତବ ଧର୍ମୀ; ଏହା ପରିଣତି ନୁହେଁ ପ୍ରାରମ୍ଭ ମାତ୍ର । ଜନସାଧାରଣଙ୍କର ଆଶା ଆକାଂକ୍ଷା ପୂରଣ ସକାଶେ ଦେଇଥିବା ପ୍ରତିଶ୍ରୁତିକୁ ରୂପାୟିତ କରିବା ଓ ସାମାଜିକ ନ୍ୟାୟ ଉପରେ ପ୍ରତିଷ୍ଠିତ ସମୃଦ୍ଧିକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ରାଜ୍ୟର ଆର୍ଥିକ ସ୍ଥିତିକୁ ପୁନରୁଜ୍ଜୀବିତ କରିବା ପାଇଁ ଅକୁଣ୍ଠ ଉଦ୍ୟମ ଆବଶ୍ୟକ । ଏହି ଉଦ୍ୟମକୁ ସଫଳ କରିବାପାଇଁ ମୁଁ ଗୃହର ସହଯୋଗ ଏବଂ ଜନସାଧାରଣଙ୍କ ସଦିଚ୍ଛା କାମନା କରୁଅଛି ।

୨୯ । ମହାଶୟ, ଏତିକି କହି ୧୯୮୦-୮୧ର ବଜେଟ ଅଟକଳ ଆପଣମାନଙ୍କ ବିଚାର ଓ ଅନୁମୋଦନ ପାଇଁ ଉପସ୍ଥାପନ କରୁଅଛି ।

ଜୟହିନ୍ଦ୍

ମୁଦ୍ରିତ : ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ-୧୦